Click Here & Upgrade
Expanded Features
Unlimited Pages
PDF Complete

ଅତିବଡ଼ୀ ଜଗନ୍ନାଥ ଦାସଙ୍କ ୧୬ଶ ଶତାବ୍ଦୀର ରଚିତ ଶ୍ରୀମଦ୍ ଭାଗବତ ଓଡ଼ିଶାର ସବୁଠାରୁ ଜନପ୍ରିୟ ଗ୍ରନ୍ଥ । ହିନ୍ଦୀ ସାହିତ୍ୟ ଜଗତରେ ତୁଳସୀ ଦାସଙ୍କ ସହ ଓଡ଼ିଆ ସାହିତ୍ୟର ଜଗନ୍ନାଥଙ୍କ ସ୍ଥାନ ତୁଳନୀୟ । ଗ୍ରନ୍ଥଟି ଦୀର୍ଘ ୫୦୦ ବର୍ଷ ଧରି ଓଡ଼ିଶାର ଜନ-ଜୀବନକୁ ପ୍ରଭାବିତ କରିଛି ।

ଜଗନ୍ନାଥ ଦାସଙ୍କ ସମୟ ଓଡ଼ିଶାରେ ବୈଷ୍ଣବ ଧର୍ମ ବିକାଶର କାଳ । ଏତିକିବେଳେ ବଙ୍ଗଳାର ଭକ୍ତି ଧର୍ମର ମହାନ୍ ପ୍ରଚାରକ ଶ୍ରୀଚୈତନ୍ୟ ପୁରୀ ଧାମକୁ ଆସିଥିଲେ ଏବଂ ଏଠାରେ ଜଗନ୍ନାଥ ଦାସଙ୍କ ସହ ତାଙ୍କର ଭବ୍ୟ ସାକ୍ଷାତ ହୋଇଥିଲା । ଜଗନ୍ନାଥ ଦାସଙ୍କ ଉତ୍କଳୀୟ ବୈଷ୍ଣବ ଧର୍ମ ବିଚାର, ଶ୍ରୀ ଚୈତନ୍ୟଙ୍କ ଗୌଡୀୟ ଧର୍ମ ବିଚାରଠାରୁ ଭିନ୍ନ ଥିଲା । ଚୈତନ୍ୟ ଜଗନ୍ନାଥଙ୍କର ଜଣେ ଉଚ୍ଚ ପ୍ରଶଂସକ ଥିଲେ । ଜଗନ୍ନାଥଙ୍କ ଧର୍ମ ବିଚାର, ବ୍ୟକ୍ତିତ୍ୱରେ ମୁଗ୍ଧ ହୋଇ ଶ୍ରୀଚୈତନ୍ୟ ତାଙ୍କୁ 'ଅତିବଡ଼ୀ' ଉପାଧି ଦେଇଥିଲେ ।

ଧର୍ମୀୟ ଦୃଷ୍ଟିକୋଣରୁ ଷୋଡ଼ଶ ଶତକଟି ସମଗ୍ର ଭାରତ ପାଇଁ ଏକ ଉଲ୍ଲେଖନୀୟ କାଳ ଥିଲା । ଏତିକିବେଳେ ଜଗନ୍ନାଥ ଦାସଙ୍କ ସମସାମୟିକ ଶ୍ରୀଚୈତନ୍ୟ, ଶଙ୍କର ଦେବ, କବୀର, ନାନକ, ମୀରାବାଇ ପ୍ରମୁଖ ଭକ୍ତି ମାର୍ଗ-ପ୍ରବର୍ତ୍ତକ ଗଣଙ୍କ ଆବିର୍ଭାବ ହୋଇଥିଲା । ଜଗନ୍ନାଥ ଦାସଙ୍କ ବୈଷ୍ଣବ ଧର୍ମ ଅନୁଚିନ୍ତନ ଓଡ଼ିଶାର ଧର୍ମ ମାନସକୁ ବେଶ୍ ଛୁଇଁଥିଲା । ତାଙ୍କ ରଚନା ଓଡ଼ିଆ ମନ ପ୍ରାଣକୁ ଆପ୍ଲୁତ କରିଥିଲା । ସହଜ, ସରଳ ଭାଷା, ସୁନିପୁଣ ଛନ୍ଦମାଧୁରୀ ସର୍ବୋପରି ନବାକ୍ଷରୀ ବୃତ୍ତରେ ରଚିତ ଭାଗବତ ପାଠକର ହୃଦୟକୁ ଯେଭଳି ଆହ୍ଲାଦିତ କଲା, ତ! ।'ର ପଟାନ୍ତର ନାହିଁ ।

ବ୍ୟାସଦେବଙ୍କ ସଂସ୍କୃତ ଭାଗବତ ହିଁ ଜଗନ୍ନାଥ ଦାସଙ୍କୁ ଅନୁପ୍ରାଣିତ କରିଛି । କିନ୍ତୁ ଏହି ଓଡ଼ିଆ ରୂପାନ୍ତର ମୌଳିକତା ଓ ସ୍ୱାତନ୍ତ୍ର୍ୟରେ ଭରପୂର ତଥା ନିଜସ୍ୱ ଶୈଳୀରେ ଋଦ୍ଧିମନ୍ତ । ସେତେବେଳର ଓଡ଼ିଶାର ରାଜନୀତିକ ଓ ସାମାଜିକ ସ୍ଥିତି ନାନା ସଂକଟ ଓ ବିପର୍ଯ୍ୟୟ ମଧ୍ୟ ଦେଇ ଗତି କରୁଥିଲା । ଏହି ଦୁଃସମୟରେ ଓଡ଼ିଆମାନଙ୍କୁ ଏକତ୍ରସୂତ୍ରରେ ବାନ୍ଧି ରଖିଥିଲେ ଓଡ଼ିଆ ଜାତିର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଜଗନ୍ନାଥ ଦାସଙ୍କ ରଚିତ ଓଡ଼ିଆ ଭାଗବତ । ଏ ଦୁଇଟିହିଁ ସେଦିନ ଓଡ଼ିଆମାନଙ୍କ ପ୍ରେରଣା, ସାହସ ଓ ସ୍ପନ୍ଦନର ଉ- ଥିଲାନ ଭମ। ଏପରି ଗୌରବ, ଶ୍ରଦ୍ଧା, ସମ୍ମାନ ଭାଗବତ ବ୍ୟତୀତ ଓଡ଼ିଆ ସାହିତ୍ୟର ଅନ୍ୟ କୌଣସି ସୃଷ୍ଟିର ଭାଗ୍ୟରେ ସମ୍ଭବ ହୋଇନାହିଁ ।

ଦ୍ୱାଦଶ ଶତାବ୍ଦୀରେ ପ୍ରତିଷ୍ଠିତ ଆଜିର ଶ୍ରୀମନ୍ଦିରରେ ଜୟଦେବଙ୍କ ଶ୍ରୀ ଗୀତଗୋବିନ୍ଦ ଶ୍ରୀଜଗନ୍ନାଥଙ୍କ ଚରଣରେ ନିବେଦିତ ହେବା ଫଳରେ ସେଠାରେ କୃଷ୍ଣ ଚେତନାର ଯେଉଁ ବୀଜ ବପନ କରିଥିଲା ତାହା ଷୋଡ଼ଶ ଶତାବ୍ଦୀ ବେଳକୁ ପ୍ରସ୍ଫୁଟିତ, ପଲ୍ଲବିତ ହୋଇସାରିଥିଲା ।

ପଣ୍ଡିତମାନଙ୍କର ବିଶ୍ୱାସ ଯେ, ମୂଳ ସଂସ୍କୃତ ଭାଗବତ ଦକ୍ଷିଣ ଭାରତରେ ରଚିତ ହୋଇଥିଲା ଏବଂ ସେଠାର ଅଲୱାର ସନ୍ଥକବି/କବୟିତ୍ରୀଙ୍କ ରଚିତ ମଧୁର ଗୀତି ମାଧ୍ୟମରେ

Click Here & Upgrade
Expanded Features
Unlimited Pages
PDF Complete

କୃଷ୍ଣ ପ୍ରେମର ତରଙ୍ଗ ସାଧାରଣ ଜନତାଙ୍କ ମଧ୍ୟରେ ପ୍ରବାହିତ ହୋଇଥିଲା । ଜଗନ୍ନାଥ ଦାସଙ୍କ ସମୟକୁ ପୁରୁଷୋତ୍ତମ/ନୀଳମାଧବ ସଂପୂର୍ଣ୍ଣ କୃଷ୍ଣମୟ ହୋଇ ସାରିଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଶ୍ରୀଜଗନ୍ନାଥ ଦାସଙ୍କ ଭାଗବତ ଗ୍ରନ୍ଥଟି କୃଷ୍ଣ ଚେତନାର ଏକ ସାମଗ୍ରିକ, ମଧୁର ଅଭିବ୍ୟକ୍ତି । କୃଷ୍ଣ ଲୀଳାର ବର୍ଣ୍ଣନା ଏହାର ମୁଖ୍ୟ ଆକର୍ଷଣ ନ ଭମା ଏହା ସହିତ ଭକ୍ତ କବିଙ୍କ ଆରାଧ୍ୟ ଦେବତା ପ୍ରଭୁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ରଚିତ ଅନେକ ସ୍ତୁତି ଏହି ମହାକାବ୍ୟର ଏକ ବିଶେଷ ବିଭବ ।

ଭାଗବତର ପ୍ରସାର ଫଳରେ ଓଡ଼ିଆ ଭାଷା ଅଗଣିତ ସାଧାରଣ ମଣିଷଙ୍କ ନିକଟତର ହେଲା । ଗାଁ ଗାଁରେ ଭାଗବତ ଟୁଙ୍ଗି ଗଢ଼ିଉଠିଲା । ଏଠାରେ ପ୍ରତିଦିନ ସନ୍ଧ୍ୟାରେ ଭାଗବତ ପାରାୟଣ କରାଯାଉଥିଲା ଏବଂ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଉଥିଲା । ସବୁ ଜାତିର ଲୋକେ ଏହି ଟୁଙ୍ଗିରେ ଏକତ୍ର ହୋଇ ଭାଗବତ ଶୁଣୁଥିଲେ ଓ ଓଡ଼ିଆ ଅକ୍ଷର ଶିଖୁଥିଲେ । ଫଳରେ, ଶିକ୍ଷା-ସାହିତ୍ୟ ବିକାଶର ଉ- ଖୋଲିଥିଲା । ଭାଗବତ, ସମାଜରେ ଏକ ନୈତିକ ତଥା ଶୃଙ୍ଖଳିତ ଭିତ୍ତିଭୂମି ସୃଷ୍ଟିକଲା । ଭାଗବତ ଗ୍ରନ୍ଥଟି ନୀତିବାଣ! 1, ସଦୁକ୍ତି, ଲୋକୋକ୍ତି ଆଦିର ଏକ ଅନବଦ୍ୟ ଅମୂଲ୍ୟ ଭଣ୍ଡାର । ଭାଗବତର ଭାଷା ସରଳ, ପ୍ରାଞ୍ଜଳ ତଥା ଭାବଗର୍ଭକ । ଏ ଭାଷା ସାର୍ବକାଳୀନ ଓ ସାର୍ବଜନୀନ ଶକ୍ତିରେ ପ୍ରସ୍ତୁତ ।

ଆଜି ଭାଗବତ ଟୁଙ୍ଗି ନାହିଁ, କିନ୍ତୁ ଭାଗବତ-ଧର୍ମ-ସଂସ୍କୃତିର ପ୍ରଭାବ ଆମ ଭିତରେ ବଞ୍ଚି ରହିଛି । ଭାଗବତ, ଏବେବି ଆମର ଜୀବନ-ବେଦ । ସନ୍ତାନ ଜନ୍ମରେ ଏନ୍ତୁଡ଼ିଶାଳରେ ନବଜାତ ପାଖରେ ଶ୍ରୀକୃଷ୍ଣ ଜନ୍ମ ଲୀଳାର ଅଧ୍ୟାୟ ପଠିତ ହେଲେ ବା ମରଣ କାଳରେ ଭାଗବତର ବାଣୀରୁ ପଦେ ଦିପଦ କାନରେ ପଡ଼ିଗଲେ ଜୀବନ ଧନ୍ୟ ହୋଇଯିବ ବୋଲି ଆମର ବିଶ୍ୱାସ ରହିଛି । ବାସ୍ତବରେ ମାନସିକ ଶାନ୍ତି, ବୌଦ୍ଧିକ ତୃପ୍ତି ଓ ସୁସ୍ଥ ସୁନ୍ଦର ସମାଜ ଗଠନରେ ଭାଗବତ ପାଠ ଓ ଚର୍ଚ୍ଚାର ଅମାପ ମୂଲ୍ୟ ରହିଛି ।

ଯୁଗସ୍ରଷ୍ଟା ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଭାଗବତକୁ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ 'ଓଡ଼ିଆ ଭାଷା ପ୍ରତିଷ୍ଠାନ' ଇଣ୍ଟରନେଟ୍ ମାଧ୍ୟମରେ ଉପଲବ୍ଧ ହେବାର ବ୍ୟବସ୍ଥା କରିଛନ୍ତି । ଏହା ଅଚିରେ ବିଶ୍ୱର ଅଗଣିତ ଭାଗବତ ପ୍ରେମୀଙ୍କ ଆକାଙ୍କ୍ଷା ପୂରଣ କରିବ ବୋଲି ଆମର ବିଶ୍ୱାସ ରହିଛି । ଜଗତ-ଜୀବନର କଲ୍ୟାଣ ପାଇଁ ଭାଗବତ ଆମକୁ ଆଲୋକ ଆଡ଼କୁ ନେଉ-ଏହାହିଁ ଭାଗବତର ଉ- ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଆମର ଜଣାଣ ।

ଡକ୍ଟର ସୁବାସ ପାଣି, ଆଇ.ଏ.ଏସ୍
ମୁଖ୍ୟ ଶାସନ ସଚିବ ଓ ମୁଖ୍ୟ ଉନ୍ନୟନ କମିଶନର
ଓଡିଶା